# NATIONAL NEWS BULLETIN (ODIA)

**17 February - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଭାରତ କୃତ୍ରିମ ବୁଦ୍ଧିମତା ପ୍ରଭାବ ସମ୍ମିଳନୀ' ବିଚାର ଓ ନବସୃଜନର ଏକ ଶକ୍ତିଶାଳୀ ମିଶ୍ରଣ - କହିଲେ ପ୍ରଧାନମନ୍ତ୍ରୀ ।
- କୃତ୍ରିମ ବୁଦ୍ଧିମତା ପଞ୍ଚମ ଶିଳ୍ପବିପ୍ଲବ ଭାବେ ଉଭା ହୋଇଛି- କହିଲେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ।
- କୃତ୍ରିମ ବୁଦ୍ଧିମତା ଓ ଶିକ୍ଷା ପରସ୍ପର ପରିପୂରକ- ମତଦେଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ।
- ଗୁଜୁରାଟର ଗାନ୍ଧୀନଗରଠାରେ ସମବାୟ ମନ୍ତ୍ରୀଙ୍କ ଜାତୀୟ ସମ୍ମିଳନୀ 'ମନ୍ଥନ'କୁ ଉଦ୍‌ଘାଟନ କଲେ ସ୍ୱରାଷ୍ଟ୍ରମନ୍ତ୍ରୀ ।
- ତାରିକ ରହେମାନ ବିଏନ୍‌ପି ସଂସଦୀୟ ଦଳର ନେତା ନିର୍ବାଚିତ । ବାଂଲାଦେଶର ପ୍ରଧାନମନ୍ତ୍ରୀ ଭାବେ ଆଜି ନେବେ ଶପଥ ।

ଏବଂ

- ଆଇସିସି ପୁରୁଷ ଟି-୨୦ ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତାର ଆଜିର ପ୍ରଥମ ମ୍ୟାଚ୍ ନ୍ୟୁଜିଲାଣ୍ଡ ଓ କାନାଡା ମଧ୍ୟରେ ଜାରି ।

---

## ପିଏମ୍-ଏଆଇ ସମିତ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଭାରତ କୃତ୍ରିମ ବୁଦ୍ଧିମତା ପ୍ରଭାବ ସମ୍ମିଳନୀ ୨୦୨୬ ହେଉଛି ବିଚାର, ନବସୃଜନ ଏବଂ ଅଭିପ୍ରାୟର ଏକ ଶକ୍ତିଶାଳୀ ମିଶ୍ରଣ । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ

କହିଛନ୍ତି ବିଶ୍ୱର ମଙ୍ଗଳ ପାଇଁ କୃତ୍ରିମ ବୁଦ୍ଧିମତା - ଏଆଇର ଭବିଷ୍ୟତକୁ ରୂପ ଦେବାରେ ଭାରତୀୟ ପ୍ରତିଭାର ଅସାଧାରଣ ସାମର୍ଥ୍ୟକୁ ଏହି ପ୍ରଦର୍ଶନୀ ସୂଚିତ କରୁଛି । ମାନବ ଜାତିର ପ୍ରଗତି ପାଇଁ କୃତ୍ରିମ ବୁଦ୍ଧିମତାକୁ ଦାୟିତ୍ୱର ସହ ସାମଗ୍ରିକ ଭାବେ ଏବଂ ବ୍ୟାପକ ସ୍ତରରେ ଉପଯୋଗ କରିବା ଲାଗି ସରକାରଙ୍କ ପ୍ରତିବଦ୍ଧତାକୁ ଏହି ସମ୍ମିଳନୀ ଦୋହରାଇଛି ବୋଲି ଶ୍ରୀ ମୋଦୀ କହିଛନ୍ତି ।

## ଏଆଇ ସମିଟ୍-ସେକେଣ୍ଡ ଡେ

ନୂଆଦିଲ୍ଲୀରେ ଆଜି ଭାରତ କୃତ୍ରିମ ବୁଦ୍ଧିମତା ପ୍ରଭାବ ସମ୍ମିଳନୀର ଦ୍ୱିତୀୟ ଦିବସ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ସମାବେଶୀ ଏବଂ ପରିବର୍ତ୍ତନଶୀଳ ଅଭିବୃଦ୍ଧି ପାଇଁ କୃତ୍ରିମ ବୁଦ୍ଧିମତାର ଉପଯୋଗ ଉପରେ ଦୃଷ୍ଟିରଖି ଏକାଧିକ ଉଚ୍ଚସ୍ତରୀୟ ଆଲୋଚନା ଅନୁଷ୍ଠିତ ହେଉଛି । ଏହି ଅଧିବେଶନଗୁଡ଼ିକରେ ସାମାଜିକ କଲ୍ୟାଣ, ଭାରତର ସାର୍ବଭୌମ କ୍ଷେତ୍ର, ତଥ୍ୟ ଓ ଜନସ୍ୱାସ୍ଥ୍ୟ ଉପରେ କୃତ୍ରିମ ବୁଦ୍ଧିମତାର ପ୍ରଭାବ ଶୀର୍ଷକରେ ଆଲୋଚନାମାନ ଜାରି ରହିଛି ।

ଏହି ପାଞ୍ଚଦିନିଆ ଶିଖର ସମ୍ମିଳନୀ ଗତକାଲି ଆରମ୍ଭ ହୋଇଥିଲା । ଏଥିରେ ଜାତୀୟ ପ୍ରତିରକ୍ଷା ପାଇଁ କୃତ୍ରିମ ବୁଦ୍ଧିମତାରେ ସାଇବର ସୁରକ୍ଷା ରଣନୀତି, ସ୍ୱାସ୍ଥ୍ୟ, ଶକ୍ତି, ଶିକ୍ଷା, କୃଷି, ଲିଙ୍ଗଗତ ସଶକ୍ତିକରଣ ଏବଂ ଭିନ୍ନକ୍ଷମ ମାନଙ୍କ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତାର ପ୍ରୟୋଗ ଓ ପ୍ରଭାବ ସମ୍ପର୍କରେ ବିଭିନ୍ନ ଅଧିବେଶନରେ ଆଲୋକପାତ କରାଯାଇଛି ।

## ବୈଷ୍ଣବ-ଏଆଇ ସମିତ

କୃତ୍ରିମ ବୁଦ୍ଧିମତା ପଞ୍ଚମ ଶିଳ୍ପ ବିପ୍ଳବଭାବେ ଉଭା ହୋଇଛି ବୋଲି ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି । ନୂଆଦିଲ୍ଲୀଠାରେ ଚାଲିଥିବା କୃତ୍ରିମ ବୁଦ୍ଧିମତା ପ୍ରଭାବ ସମ୍ମିଳନୀ ୨୦୨୬ର ଦ୍ୱିତୀୟ ଦିନରେ ଗଣମାଧ୍ୟମକୁ ମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି ଯେ ଏହି ସମ୍ମିଳନୀ ଜନସଂଖ୍ୟା ସମ୍ବନ୍ଧୀୟ ସମସ୍ୟାର ସମାଧାନ ପାଇଁ ଏକ ମଞ୍ଚଭାବରେ କାର୍ଯ୍ୟ କରୁଛି ଏବଂ ଯୁବପିଢ଼ୀଙ୍କ ମଧ୍ୟରେ ନୂତନ ଶକ୍ତି ମଧ୍ୟ ଦେଖିବାକୁ ମିଳିଛି । ସେ ପୁଣି କହିଛନ୍ତି, ଏହି ସମ୍ମିଳନୀ ଦ୍ୱାରା ଆସନ୍ତା ୨ ବର୍ଷ ମଧ୍ୟରେ ୨୦୦ ବିଲିୟନରୁ ଅଧିକ ଅର୍ଥର ପୁଞ୍ଜି ବିନିଯୋଗ ହେବାର ଆଶା କରାଯାଉଛି ।

## ଧର୍ମେନ୍ଦ୍ର-ଏଆଇ

କୃତ୍ରିମ ବୁଦ୍ଧିମତା ଏବଂ ଶିକ୍ଷା ପରସ୍ପର ପରିପୂରକ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ନୂଆଦିଲ୍ଲୀରେ ଚାଲିଥିବା ଭାରତ ଏଆଇ ପ୍ରଭାବ ସମ୍ମିଳନୀ ୨୦୨୬ର ଦ୍ୱିତୀୟ ଦିବସରେ ‘ଭାରତରେ ଏଆଇକୁ ଆଗକୁ ବଢ଼ାଇବା’ ଶୀର୍ଷକ ଆଲୋଚନାରେ ଭାଗନେଇ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ବର୍ତ୍ତମାନ ଦେଶ ଏକ ଜ୍ଞାନକୈନ୍ଦ୍ରିକ ସମାଜରେ ପରିଣତ ହେବା ଦିଗରେ ଅଗ୍ରସର ହେଉଛି ।

**V/O (Dharmendra)**

ଭାରତ ଭଳି ଏକ ବହୁମୁଖୀ ଦେଶରେ ବ୍ୟବସ୍ଥାରେ ଜଟିଳତାକୁ ବୁଝିବା ଏବଂ ଜନସାଧାରଣଙ୍କ କଲ୍ୟାଣ ପାଇଁ ଏହାକୁ ବ୍ୟବହାର କରିବାରେ ଏଆଇ ଏକ ଗୁରୁତ୍ୱପୂର୍ଣ୍ଣ ଉପକରଣ । ପ୍ରଯୁକ୍ତିବିଦ୍ୟା ବିଷୟରେ

ଗଭୀର ବୁଝାମଣା ଏବଂ ଭବିଷ୍ୟତରେ ଏକ ଏଆଇ ପରିଚାଳିତ ବିଶ୍ୱ ଜ୍ଞାନକେନ୍ଦ୍ର ବିକଶିତ କରିବା ପାଇଁ ମନ୍ତ୍ରୀ ଶ୍ରୀ ପ୍ରଧାନ ଯୁବକମାନଙ୍କୁ ନିବେଦନ କରିଛନ୍ତି ।

## ମୁମ୍ବାଇ-ପିଏମ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ ଆଜି ମୁମ୍ବାଇଠାରେ ଦ୍ୱିପାକ୍ଷିକ ଆଲୋଚନାରେ ଭାଗ ନେବେ। ଫ୍ରାନ୍ସର ଏକ ପ୍ରତିନିଧି ଦଳ, ଧର୍ମପତ୍ନୀ ବ୍ରିଗିଟି ମାକ୍ରନଙ୍କ ସହ ଫ୍ରାନ୍ସ ରାଷ୍ଟ୍ରପତି ମାକ୍ରନ ଗତକାଲି ରାତିରେ ମୁମ୍ବାଇଠାରେ ପହଞ୍ଚିଥିଲେ । ସେମାନଙ୍କୁ ମହାରାଷ୍ଟ୍ର ରାଜ୍ୟପାଳ ଆଚାର୍ଯ୍ୟ ଦେବବ୍ରତ, ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବିଶ ଏବଂ ଅନ୍ୟାନ୍ୟ ଅଧିକାରୀମାନେ ସ୍ୱାଗତ କରିଥିଲେ । ରାଷ୍ଟ୍ରପତି ମାକ୍ରନ ତିନିଦିନିଆ ଭାରତ ଗସ୍ତରେ ଆସିଛନ୍ତି ଏବଂ ମୁମ୍ବାଇକୁ ତାଙ୍କର ଏହା ପ୍ରଥମ ଗସ୍ତ । ଭାରତରେ ଅନୁଷ୍ଠିତ କୃତ୍ରିମ ବୁଦ୍ଧିମତା ପ୍ରଭାବ ସମ୍ମିଳନୀରେ ଯୋଗଦେବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନିମନ୍ତ୍ରଣ କ୍ରମେ ଫ୍ରାନ୍ସ ରାଷ୍ଟ୍ରପତି ଶ୍ରୀ ମାକ୍ରନ ଭାରତ ଗସ୍ତରେ ଅଛନ୍ତି ।

ଏହି ପୃଷ୍ଠଭୂମିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଯେ, ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନଙ୍କ ସହ ତାଙ୍କ ଆଲୋଚନା ଦୁଇଦେଶର ବିଭିନ୍ନ କ୍ଷେତ୍ରରେ ସହଯୋଗକୁ ସୁଦୃଢ଼ କରିବ ଓ ବୈଶ୍ୱିକ ବିକାଶ ଦିଗରେ ବିଶେଷ ସହାୟକ ହେବ । ଫ୍ରାନ୍ସ ରାଷ୍ଟ୍ରପତି ମାକ୍ରନଙ୍କ ସାମାଜିକ ଗଣମାଧ୍ୟମରେ କରାଯାଇଥିବା ପୋଷ୍ଟ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଯେ, ଫ୍ରାନ୍ସ ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିବାରେ

ଭାରତ ଆନନ୍ଦିତ ଏବଂ ଦୁଇଦେଶ ମଧ୍ୟରେ ରଣନୈତିକ ସହଭାଗିତାକୁ ଏହା ଏକ ନୂତନ ସ୍ତରକୁ ନେବ । ଆଜି ସନ୍ଧ୍ୟାରେ ଶ୍ରୀ ମୋଦୀ ଓ ମାକ୍ରନ୍ ଭାରତ-ଫ୍ରାନ୍ସ ନବସୃଜନ ବର୍ଷ ୨୦୨୬ ଉଦଘାଟନ କରିବା ସହ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି ।

## ଗୁଜୁରାଟ-ଅମିତ ଶାହା

ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଅମିତ ଶାହା ଆଜି ଗୁଜୁରାଟର ଗାନ୍ଧୀନଗରର ମହାତ୍ମା ମନ୍ଦିରରେ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ସମବାୟ ମନ୍ତ୍ରୀ ମାନଙ୍କର ଏକ ଉଚ୍ଚସ୍ତରୀୟ ଜାତୀୟ ସମ୍ମିଳନୀ - ମନ୍ଥନକୁ ଉଦ୍‌ଘାଟନ କରିଛନ୍ତି । ଏଥିରେ ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମନ୍ତ୍ରୀ ଏବଂ ବରିଷ୍ଠ ଅଧିକାରୀମାନେ ଭାଗ ନେଇଛନ୍ତି ।

ଦିବସବ୍ୟାପୀ ଏହି କାର୍ଯ୍ୟକ୍ରମରେ ସମବାୟ ମନ୍ତ୍ରୀ ଅମିତ ଶାହା ୨ଲକ୍ଷ ନୂତନ ବହୁମୁଖୀ ପ୍ରାଥମିକ କୃଷି ସମବାୟ ସମିତି-ପାକ୍ସ ଓ ଦେଶବ୍ୟାପୀ ଆଧୁନିକ ପଣ୍ୟାଗାର ସ୍ଥାପନ ଅଗ୍ରଗତିର ସମୀକ୍ଷା କରିବେ । ବିଶ୍ୱର ସର୍ବବୃହତ୍ ଖାଦ୍ୟଶସ୍ୟ ଭଣ୍ଡାରଣ ଯୋଜନାରେ ଏହା ବିଶେଷ ସହାୟକ ହେବ । ନୂଆକରି ଗଠିତ ଜାତୀୟ ବିହନ ରପ୍ତାନୀ ସଂକ୍ରାନ୍ତ ଜାତୀୟ ସଂସ୍ଥା ସହ ରାଜ୍ୟ ଗୁଡ଼ିକୁ ସମନ୍ୱିତ କରିବା ସହ ପାକ୍ସ ଗୁଡ଼ିକର କମ୍ପ୍ୟୁଟରୀକରଣ ଦିଗରେ ମଧ୍ୟ ଆଲୋଚନା କରାଯିବ । ସମ୍ମିଳନୀରେ ସମବାୟ ବ୍ୟାଙ୍କ, ରାଜ୍ୟ ସମବାୟ ଆଇନ୍‌ଗତ ସଂସ୍କାର ଏବଂ ଅମୁଲ ଓ ଏନ୍‌ଡିଡିବିର ସହଯୋଗରେ ଦୁଗ୍ଧଜାତ ପଦାର୍ଥର ବିକାଶ ଦିଗରେ ଆଲୋଚନା କରାଯିବାର କାର୍ଯ୍ୟକ୍ରମ ରହିଛି । ଆକାଶବାଣୀ ସମ୍ବାଦଦାତାଙ୍କ ରିପୋର୍ଟ ଅନୁଯାୟୀ ଏହି କାର୍ଯ୍ୟକ୍ରମରେ ସମବାୟ ମନ୍ତ୍ରୀ

ଶ୍ରୀ ଶାହା ଆଭାସୀ ମାଧ୍ୟମରେ ଗୁଜୁରାଟରେ ୨୫୮ କୋଟି ଟଙ୍କା ବ୍ୟୟରେ ୫ଟି ସମବାୟ ପ୍ରକଳ୍ପକୁ ଉଦ୍‌ଘାଟନ କରିବା ସହ ୭ କୋଟି ଟଙ୍କା ବ୍ୟୟରେ ସଭରକୁଣ୍ଡଲା ଓ ପଟାନ ଏଏମ୍‌ପିସି ବୃହତ୍ ପଣ୍ୟାଗାରର ମଧ୍ୟ ଭିତ୍ତିପ୍ରସ୍ତର ସ୍ଥାପନ କରିବେ ।

## ଇଣ୍ଡିଆ-ଏଆଇ ସମିଟ୍

ଭାରତରେ ଅବସ୍ଥାପିତ ଶ୍ରୀଲଙ୍କାର ହାଇକମିଶନର ମହସିନି କଲୋନେ କହିଛନ୍ତି ଭାରତ ଏଆଇ ପ୍ରଭାବ ଶିଖର ସମ୍ମିଳନୀରେ ଶ୍ରୀଲଙ୍କାର ଅଂଶଗ୍ରହଣ ଭାରତ-ଶ୍ରୀଲଙ୍କା ଭାଗିଦାରୀର ଦୃଢ଼ତା ଓ ପ୍ରାଥମିକତାକୁ ପ୍ରତିଫଳିତ କରୁଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ କଲୋନେ କହିଛନ୍ତି ଶ୍ରୀଲଙ୍କାର ରାଷ୍ଟ୍ରପତି ଅନୁରାକୁମାର ଦିଶାନାୟକେ ଏଆଇ ଇମ୍ପାକ୍ଟ ସମ୍ମିଳନୀ ୨୦୨୬ ପାଇଁ ନୂଆଦିଲ୍ଲୀରେ ପହଞ୍ଚିଛନ୍ତି । ଗ୍ଲୋବାଲ ସାଉଥ୍‌ରେ ଆୟୋଜିତ ଏ ପ୍ରକାର ପ୍ରଥମ ସମ୍ମିଳନୀରେ ଶ୍ରୀଲଙ୍କା ରାଷ୍ଟ୍ରପତିଙ୍କ ଅଂଶଗ୍ରହଣ ଦୁଇଦେଶ ମଧ୍ୟରେ ସମ୍ପର୍କର ଘନିଷ୍ଠତା ଏବଂ ଭବିଷ୍ୟତକୁ ରୂପ ଦେଉଥିବା ପ୍ରସଙ୍ଗରେ ମିଳିତ ଭାବେ କାର୍ଯ୍ୟ କରିବାର ପ୍ରତିବଦ୍ଧତାକୁ ଦର୍ଶାଉଛି । ଏହି ସମ୍ମିଳନୀ ନବସୃଜନକୁ ସମାବେଶୀ, ଦାୟିତ୍ୱବାନ ଏବଂ ଜନକୈନ୍ଦ୍ରିକ କରିବାରେ ପ୍ରତିବଦ୍ଧତାକୁ ମଧ୍ୟ ପ୍ରତିଫଳିତ କରେ ବୋଲି ସୁଶ୍ରୀ କଲୋନେ କହିଛନ୍ତି ।

## ବାଂଲାଦେଶ ନିର୍ବାଚନ

ବାଂଲାଦେଶର ବିଏନ୍‌ପି ସଂସଦୀୟ ଦଳ-ବିପିପି ଆଜି ଦଳର ଅଧ୍ୟକ୍ଷ ତାରିକ୍ ରହେମାନଙ୍କୁ ଗୃହର ନେତା ଭାବେ ନିର୍ବାଚିତ କରିଛି । ଜାତୀୟ ସଂସଦ ଭବନରେ ବିପିପିର ଏକ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଥିବା ବିଏନ୍‌ପିର ସାଧାରଣ ସମ୍ପାଦକ ମୀର୍ଜା ଫକରୁଲ ଇସଲାମ ଆଲମଗିର୍ କହିଛନ୍ତି । ଗୃହର ନେତା ନିର୍ବାଚିତ ହେବାପରେ ତାରିକ ରହେମାନ ପ୍ରଧାନମନ୍ତ୍ରୀ ଭାବରେ ନୂତନ ସରକାର ଗଠନ କରିବା ନିଶ୍ଚିତ ହୋଇଥିବା ଘରୋଇ ସମ୍ବାଦ ସରବରାହ ସଂସ୍ଥା ୟୁନାଇଟେଡ୍ ନ୍ୟୁଜ୍ ଅଫ୍ ବାଂଲାଦେଶ କହିଛି ।

## ଏଆଇ ସମିତ୍-ବିହାର ପ୍ୟାଭିଲିୟନ

ମତ୍ସ୍ୟ, ପଶୁପାଳନ ଏବଂ ଦୁଗ୍ଧ ଉତ୍ପାଦନ ମନ୍ତ୍ରୀ ରାଜୀବ ରଞ୍ଜନ ସିଂହ ଏବଂ ବିହାର ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ଆଜି ନୂଆଦିଲ୍ଲୀର ଭାରତ ମଣ୍ଡପମରେ ଭାରତ ଏଆଇ ପ୍ରଭାବ ସମ୍ମିଳନୀ ୨୦୨୬ରେ ବିହାର ପ୍ୟାଭିଲିୟନ ପରିଦର୍ଶନ କରିଛନ୍ତି । ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନା ବେଳେ ରାଜୀବ ରଞ୍ଜନ କହିଛନ୍ତି ସମଗ୍ର ପଞ୍ଚାୟତ ବ୍ୟବସ୍ଥାକୁ ମଜଭୁତ କରିବା ଏବଂ ସ୍ୱଚ୍ଛତା ବୃଦ୍ଧି କରିବା ପାଇଁ ସରକାର ପଞ୍ଚାୟତ ଗୁଡ଼ିକରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ-କୃତ୍ରିମ ବୁଦ୍ଧିମତା ଉପରେ କାର୍ଯ୍ୟ ଆରମ୍ଭ କରିଛନ୍ତି । ସେ କହିଛନ୍ତି କୃତ୍ରିମ ବୁଦ୍ଧିମତା ପ୍ରଯୁକ୍ତି କୃଷି କ୍ଷେତ୍ର, ପଶୁପାଳନ ଏବଂ ମତ୍ସ୍ୟଚାଷ କ୍ଷେତ୍ରରେ ନୂତନ କୌଶଳ ବିକଶିତ କରୁଛି ।

ଉନ୍ନତ ପ୍ରଯୁକ୍ତିବିଦ୍ୟା ଗ୍ରହଣ କରିବା ଦ୍ୱାରା ମଧ୍ୟ ଏହିସବୁ କ୍ଷେତ୍ରରେ ନୂତନ ନିଯୁକ୍ତିର ସମ୍ଭାବନା ସୃଷ୍ଟି ହେଉଛି ।

# ଓଡ଼ିଶା-ବଜେଟ୍ ସେସନ

ଓଡ଼ିଶା ବିଧାନସଭାର ବଜେଟ୍ ଅଧିବେଶନ ଆଜିଠାରୁ ଆରମ୍ଭ ହୋଇଛି । ଅଧିବେଶନର ପ୍ରଥମ ଦିନରେ ରାଜ୍ୟପାଳ ହରିବାବୁ କମ୍ଭମପାଟି ଅଭିଭାଷଣ ରଖିଛନ୍ତି । ଦୁଇଟି ପର୍ଯ୍ୟାୟରେ ହେବାକୁ ଥିବା ଏହି ଅଧିବେଶନରେ ୨୮ଟି କାର୍ଯ୍ୟଦିବସ ସ୍ଥିର କରାଯାଇଛି । ଏପ୍ରିଲ ୮ ତାରିଖ ପର୍ଯ୍ୟନ୍ତ ଅଧିବେଶନ ହେବାକୁ ଥିବାବେଳେ ଆସନ୍ତା ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ରାଜ୍ୟ ବଜେଟ୍ ଉପସ୍ଥାପନ କରିବାର କାର୍ଯ୍ୟସୂଚୀ ରହିଛି ।

# କ୍ରିକେଟ୍ ଟି-ଟ୍ୱେଣ୍ଟି ଓ୍ୱାର୍ଲ୍ଡକପ୍

ଆଇସିସି ପୁରୁଷ ଟି-୨୦ କ୍ରିକେଟ ବିଶ୍ୱକପରେ ଆଜିର ପ୍ରଥମ ମ୍ୟାଚରେ ନ୍ୟୁଜିଲାଣ୍ଡ ଏବଂ କାନାଡା ମଧ୍ୟରେ ଚେନ୍ନାଇର ଏମଏ ଚିଦାମ୍ବରମ ଷ୍ଟାଡିୟମରେ ଖେଳ ଜାରି ରହିଛି । କାନାଡା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୪ ଓ୍ୱିକେଟ୍ ହରାଇ ୧୭୩ ରନ୍ ସଂଗ୍ରହ କରିଛି । କାନାଡା ପକ୍ଷରୁ ଯୁବରାଜ ଶର୍ମା ସର୍ବାଧିକ ୧୧୦ ରନ୍ ସ୍କୋର କରିଛନ୍ତି । ୧୭୪ରନ୍‌କୁ ପିଛା କରି ନ୍ୟୁଜିଲାଣ୍ଡ ଖବର ପ୍ରସ୍ତୁତ ହେଲାବେଳକୁ ୧୨ ଓଭରରେ ୨ ଓ୍ୱିକେଟ୍ ହରାଇ ୧୩୨ରନ୍ ସଂଗ୍ରହ କରିଛି ।

ଦ୍ୱିତୀୟ ମ୍ୟାଚ୍‌ରେ, ପାଲେକେଲରେ ଗ୍ରୁପ୍-ବି ମ୍ୟାଚରେ ଆୟରଲ୍ୟାଣ୍ଡ-ଜିମ୍ବାୱେ ମଧ୍ୟରେ ମୁକାବିଲା ହେବ। ତୃତୀୟ ମ୍ୟାଚ୍ ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମରେ ସ୍କଟଲ୍ୟାଣ୍ଡ ଓ ନେପାଳ ମଧ୍ୟରେ ସନ୍ଧ୍ୟାରେ ୭ଟାରେ ଆରମ୍ଭ ହେବ ।

........................................................................................